## ବଡ଼ ଓଝେଇ ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର, (ନି.ପ୍ର.)- ଅବକାରୀ ବିଭାଗ ପକ୍ଷରୁ ଶନିବାର ଜୟପୁର ସଦର ଥାନା ଅନ୍ତର୍ଗତ ବଡ ଓଝେଇ ନିକଟସ୍ଥ ଜଙ୍ଗଲରେ ଚଢ଼ାଉ କରାଯାଇଛି । ମଦ ବ୍ୟବସାୟୀମାନେ ମଦ ଓ ପୋଚ ଲୁଚାଇ ରଖିଥିବା ସୂଚନା ପାଇ ଏହି ଚଢ଼ାଉ କରାଯାଇଥିଲା । ଚଢ଼ାଉ ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଥିଲେ। ଏହି ସମୟରେ ବହୁ ମଦ ଭାଟି ଭଙ୍ଗା ଯାଇଛି। ୧୨ ଶହ ଲିଟର ପୋଚ ଓ ୯୦ ଲିଟର ଦେଶି ମଦ ଜବତ କରି ନଷ୍ଟ କରାଯାଇଛି।

# ସ୍କୁଲ ବ୍ୟାଗ୍‌ରେ ନେଉଥିଲେ ଗଞ୍ଜେଇ, ଧରିଲା ପୋଲିସ

### ୪ ଅଭିଯୁକ୍ତ ଗିରଫ

କୋରାପୁଟ,୨୧।୧(ସ୍ୱ.ପ୍ର.)

କୋରାପୁଟ ଜିଲାର ଆନ୍ଧ୍ର ସୀମାନ୍ତ ଅଞ୍ଚଳରେ ବ୍ୟାପକ ଭାବେ ଗଞ୍ଜେଇ ଚାଷ ହୋଇଥାଏ। ଏହାକୁ ବାହାର ରାଜ୍ୟକୁ ଚାଲାଣ ପାଇଁ ଗଞ୍ଜେଇ ଚାଲାଣକାରୀମାନେ ବିଭିନ୍ନ ସମୟରେ ବିଭିନ୍ନ ଉପାୟ ଅବଲମ୍ବନ କରିଥାନ୍ତି। କେତେବେଳେ ମାଛ ବାକ୍ସରେ, ପଣସ ଗାଡିରେ, ଗାଡି ସିଟ୍ ତଳେ, ଝାଡୁ ଗାଡିରେ ତ କେତେବେଳ ଗାଡିରେ ସ୍ୱତନ୍ତ୍ର ବାକ୍ସ କରି ଗଞ୍ଜେଇ ନେଉଥିବା ନଜିର ରହିଛି। ତେବେ ପ୍ରଥମ କରି ସ୍କୁଲ ବ୍ୟାଗ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ସାମ୍ନାକୁ ଆସିଛି। ଗଞ୍ଜେଇ ବ୍ୟବସାୟୀମାନେ ସ୍କୁଲ ବ୍ୟାଗରେ ଅଭିନବ ଉପାୟରେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ଧରାପଡିଛନ୍ତି। ଶନିବାର ଭୋରରୁ ମାଛକୁଣ୍ଡ ଓ ଲମତାପୁଟ ପୋଲିସ ଲମତାପୁଟର ମାଲେଗାଁ ଛକ ନିକଟରେ ଚଢାଉ କରି ସ୍କୁଲ ବ୍ୟାଗରେ ଚାଲାଣ ହେଉଥିବା ୨୦ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରଛି। ଏଥିରେ ସମ୍ପୃକ୍ତ ବିହାର ଓ ଉତ୍ତର ପ୍ରଦେଶ ଅଞ୍ଚଳର ୪ ଜଣ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏହି ଗଞ୍ଜେଇ ଆନ୍ଧ୍ର ସୀମାନ୍ତ ଅଞ୍ଚଳରୁ ଚାଲାଣ ହେଉଥିବା ସୂଚନା ପାଇ ନନ୍ଦପୁର ଏସ୍‌ଡିପିଓ ସଞ୍ଜୟ ମହାପାତ୍ର ଏହାକୁ ଧରିବା ପାଇଁ ମାଛକୁଣ୍ଡ ଓ ଲମତାପୁଟ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ।





ଗୀତା ବଣ୍ଟନ କାର୍ଯ୍ୟକ୍ରମରେ ମାଲକାନଗିରି ଏମ୍‌ଭି-୭ ସ୍ଥିତ ଜଗନ୍ନାଥପାଲି ଉଚ୍ଚ ବିଦ୍ୟାଳୟରେ ଉପସ୍ଥିତ ଛାତ୍ରୀଛାତ୍ର।

## ସଂକ୍ଷେପରେ

### ମହିଳାଙ୍କ ମୃତଦେହ ଜବତ

ଚିତ୍ରକୋଣ୍ଡା,୨୧।୧(ଡି.ଏନ.ଏ.)- ଚିତ୍ରକୋଣ୍ଡା ଥାନା ଅନ୍ତର୍ଗତ ଗୁଣ୍ଡାୱାଡା ପଞ୍ଚାୟତରେ ଜଣେ ମହିଳାଙ୍କ ମୃତଦେହ ଜବତ ହୋଇଛି। ବ୍ଲକର ଦୋରାଗୁଡ଼ାଠାରୁ ପାପୁଲୁର ଯିବା ରାସ୍ତାର ଗୁଣ୍ଡାୱାଡା ଘାଟି ନିକଟରେ ଜଣେ ମହିଳାଙ୍କ ମୃତଦେହ ପଡ଼ିଥିବା ସ୍ଥାନୀୟ ଗ୍ରାମବାସୀ ଦେଖି ଚିତ୍ରକୋଣ୍ଡା ଥାନାକୁ ଖବର ଦେଇଥିଲେ। ପରେ ଚିତ୍ରକୋଣ୍ଡା ପୋଲିସର ଏକ ଟିମ୍ ଘଟଣା ସ୍ଥଳକୁ ଯାଇ ମହିଳାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସମ୍ପୃକ୍ତା ମହିଳାଙ୍କ ପରିଚୟ ମିଳିପାରିନାହିଁ। ଏନେଇ ପୋଲିସ ଅଧିକ ତଦନ୍ତ ଜାରି ରଖିଛି।

### ନଦୀରେ ଭାସିଯାଇ ଜଣେ ନିଖୋଜ

ଚିତ୍ରକୋଣ୍ଡା,୨୧।୧(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ପାପରମେଟେଲା ଥାନା ଅନ୍ତର୍ଗତ ବଡପଦା ପଞ୍ଚାୟତ କାଦଗୁମା ଗ୍ରାମର ଜଣେ ବ୍ୟକ୍ତି ନଦୀରେ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ତାଙ୍କ ନାମ ମଙ୍ଗେଲ ପାଙ୍ଗି(୪୫)। ଶନିବାର ପୂର୍ବାହ୍ନ ୧୧ଟାରେ ମଙ୍ଗେଲ ସ୍ତ୍ରୀଙ୍କ ସହ ନଦୀରେ ଭିତରେ ଦେଶୀ ଡଙ୍ଗାରେ ମାଛ ମାରୁଥିଲେ। ହଠାତ ମଙ୍ଗେଲ ଡଙ୍ଗାରୁ ପାଣିକୁ ଖସି ପଡିଥିଲେ। ତାଙ୍କ ସ୍ତ୍ରୀ ତାଙ୍କୁ ଧରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ତାଙ୍କ ପାଟି ଶୁଣି ଅନ୍ୟମାନେ ପହଞ୍ଚି ଦୀର୍ଘ ସମୟ ଧରି ଖୋଜାଖୋଜି କରିଥିଲେ ମଧ ମଙ୍ଗେଲଙ୍କୁ ପାଇ ନ ଥିଲେ। ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚ ଖୋଜା ଖୋଜି କରିବା ସହ ଚିତ୍ରକୋଣ୍ଡା ଦମକଳ କେନ୍ଦ୍ରର ଦୁଇଟି ଟିମ୍ ମଧ ଖୋଜା ଖୋଜି କରିଥିଲେ ମଧ ଅପରାହ୍ନ ସୁଦ୍ଧା ମଙ୍ଗେଲଙ୍କ କୌଣସି ପତ୍ତା ପାଇ ନ ଥିଲେ।

### କେନ୍ଦ୍ରୀୟ ଆୟୋଗ ସଦସ୍ୟଙ୍କୁ ଭେଟିଲେ ଆଦିବାସୀ ନେତା ଶରତ ବୁରୁଦା

ମାଥିଲି,୨୧।୧(ଡି.ଏନ.ଏ.)- ମାଲକାନଗିରି ଜିଲା ଗସ୍ତରେ ଶନିବାର ଆସିଥିବା କେନ୍ଦ୍ରୀୟ ଆୟୋଗର ସଦସ୍ୟ ଅନନ୍ତ ନାୟକଙ୍କୁ ଆଦିବାସୀ ନେତା ଶରତ ଚନ୍ଦ୍ର ବୁରୁଦା ଭେଟି ଜିଲାର ସ୍ୱାସ୍ଥ୍ୟ ସେବା, ଶିକ୍ଷା, କୃଷି, ଉଦ୍ୟାନ କୃଷି, ପ୍ରାଣୀପାଳନ, ଜାତିଗତ ପ୍ରମାଣପତ୍ର ଭଳି ଆଦିବାସୀ ମାନଙ୍କ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଉପଖଣ୍ଡ ଚିକିତ୍ସାଳୟରେ ଆବଶ୍ୟକ ସଂଖ୍ୟକ ଡାକ୍ତର ନ ଥିବାରୁ ସ୍ୱାସ୍ଥ୍ୟ ସେବା ନ ପାଇ ବାହାରକୁ ଯାଇ ଲୋକେ ଅଯଥା ଖର୍ଚ୍ଚନ୍ତ ହେଉଥିବା ନେଇ ବୁରୁଦା ଆୟୋଗ ସଦସ୍ୟଙ୍କୁ ଅବଗତ କରାଇଥିଲେ। ଏଥିସହ ମାଲକାନଗିରି ଜିଲାରେ ଆଦିବାସୀ ଜାଲ ପ୍ରମାଣପତ୍ର କରାଯାଉଥିବା ସେ ଆଲୋଚନା ବେଳେ ପ୍ରକାଶ କରିଥିଲେ।

### କେନାଲରୁ ଯୁବକଙ୍କ ମୃତଦେହ ଜବତ

ମାଲକାନଗିରି,୨୧।୧(ଡି.ଏନ୍.ଏ.)- ମାଲକାନଗିରି ସଦର ମହକୁମା ୱାର୍ଡ ନଂ. ୧୪ ଅଧୀନରେ ଥିବା ସତୀଗୁଡା ବାଇପାସ୍ କେନାଲରୁ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ଶନିବାର ସକାଳେ ଜଣେ ଯୁବକଙ୍କ ମୃତଦେହ କେନାଲରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ମାଲକାନଗିରି ପୋଲିସ ଓ ଦମକଳବାହିନୀକୁ ଖବର ଦେଇଥିଲେ। ପୋଲିସ ଓ ଦମକଳ ବାହିନୀ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲେ। ସେ ୧୪ ନଂ. ୱାର୍ଡର ରାମକୃଷ୍ଣ ଗଣ୍ଡ ବୋଲି ଜଣାପଡିଛି। ଏ ସମ୍ପର୍କରେ ତାଙ୍କ ପରିବାର ଲୋକେ କହିଛନ୍ତି ରାମକୃଷ୍ଣଙ୍କ ପୂର୍ବରୁ ମୁର୍ଚ୍ଛା ରୋଗ ଅଛି। ରାମକୃଷ୍ଣ କେନାଲକୁ ଯାଇଥିବା ବେଳେ ସେଠାରେ ମୁର୍ଚ୍ଛା ହୋଇ ପଡିଯାଇଥିବେ। ପରେ ତାଙ୍କର ମୃତ୍ୟୁ ହୋଇଥିବ ବୋଲି ପରିବାର ଲୋକେ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ଭାଜପା ପକ୍ଷରୁ ପ୍ରବାସ ଯୋଜନା ବୈଠକ

ଦଶମନ୍ତପୁର, ୨୧।୧ (ଡି.ଏନ୍.ଏ.)-କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ବାଘଚେମା ଛକଠାରେ ଭାଜପା ପକ୍ଷରୁ ପ୍ରବାସ ଯୋଜନା ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ-୧ର ସାଧାରଣ ସମ୍ପାଦକ କୃପା ରାଇଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପୂର୍ଣ୍ଣିମା ଜାନି, ସମ୍ମାନିତ ଅତିଥି ଭାବେ ରାଜ୍ୟ ଓବିସି ମୋର୍ଚ୍ଚା ସମ୍ପାଦକ ବଳରାମ ସୁବୁଦ୍ଧି, ଆଦିବାସୀ ମୋର୍ଚ୍ଚା ଜିଲା ଉପ ସଭାପତି ଭୁବନ ଜାନି, ମଣ୍ଡଳ ପ୍ରଭାରୀ ରବିନ୍ଦ୍ର ପାଢ଼ୀ, ପୋଡ଼ାଗଡ଼ ମଣ୍ଡଳ ସଭାପତି ସୀତାରାମ ରାୟ, ଓବିସି ମୋର୍ଚ୍ଚା ଜିଲା ଉପସଭାପତି ଘନଶ୍ୟାମ ସୁବୁଦ୍ଧି ଯୋଗ ଦେଇଥିଲେ। ବୈଠକରେ ବ୍ଲକ ଅଞ୍ଚଳରେ ଥିବା ପ୍ରତ୍ୟେକ ଦଳୀୟ କର୍ମୀ ନିଜ ଅଞ୍ଚଳରେ ନିଷ୍ଠାପର ଭାବେ କାର୍ଯ୍ୟ କରୁଛନ୍ତି କି ନାହିଁ ସେନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଦଳକୁ ସୁଦୃଢ଼ କରିବା ଏବଂ ଜନସାଧାରଣଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ କର୍ମୀମାନେ ଶପଥ ପାଠ କରିଥିଲେ। ବରିଷ୍ଠ ନେତା ଦର୍ଶନ ମୁଦୁଲି ଧନ୍ୟବାଦ ଦେଇଥିଲେ। ମଣ୍ଡଳ-୧ ଅଧୀନରେ ଥିବା ୮ଟି ପଞ୍ଚାୟତ ଏବଂ ୩୪ ବୁଥର ସମସ୍ତ ସଭାପତି ଏବଂ କର୍ମୀମାନେ ବୈଠକରେ ଉପସ୍ଥିତ ଥିଲେ।

# ପଲ୍ଲିଶ୍ରୀ ମେଳାରେ ୪ କୋଟି ୨୪ ଲକ୍ଷର ବ୍ୟବସାୟ

### ସରିଲା ମାଲ୍ୟବନ୍ତ ମହୋତ୍ସବ

ମାଲକାନଗିରି,୨୧।୧(ଡି.ଏନ୍.ଏ.)

ମାଲକାନଗିରି ଜିଲାର ଗଣପର୍ବ ମାଲ୍ୟବନ୍ତ ମହୋତ୍ସବ, ପଲ୍ଲିଶ୍ରୀ ମେଳା ଓ ପୁସ୍ତକ ମେଳା ଶେଷ ହୋଇଛି। ଏହା ଗତ ୧୫ରୁ ୧୯ ପର୍ଯ୍ୟନ୍ତ ହୋଇଥିଲା। ଏହି ଅବସରରେ ଖୋଲା ଯାଇଥିବା ଷ୍ଟଲଗୁଡିକରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ଜିଲା ବାହାରୁ ଆସିଥିବା ବିଭିନ୍ନ ବ୍ୟବସାୟୀଙ୍କ ବ୍ୟବସାୟ ମଧ ଆଶାଠାରୁ ଅଧିକ ହୋଇଛି। ଚଳିତ ବର୍ଷ ଏହି ୫ଦିନରେ ପଲିଶ୍ରୀ ମେଳାରେ ମୋଟ ୪ କୋଟି ୨୪ ଲକ୍ଷ ଟଙ୍କାର ବ୍ୟବସାୟ ହୋଇଛି। ଗତ ଦୁଇବର୍ଷ ତଳେ ମାଲ୍ୟବନ୍ତ ମହୋତ୍ସବରେ ୨.୫ କୋଟିରୁ କିଛି ଅଧିକ ବ୍ୟବସାୟ ହୋଇଥିବା ବେଳେ ଚଳିତବର୍ଷ ଏହା ୪କୋଟି ଟପିଛି। ସୂଚନାଯୋଗ୍ୟ ୧୭ ତାରିଖରେ ମାଲ୍ୟବନ୍ତ ମହୋତ୍ସବରେ ପ୍ରବଳ ଜନସମାଗମ ହେତୁ ମୁଖ୍ୟ ଫାଟକଠାରେ ଦଳା ଚକଟା ସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ୩ଜଣ ଆହତ ହୋଇଥିଲେ।

## ଛାତ୍ରୀଛାତ୍ରଙ୍କୁ ଭଗବତ ଗୀତା ପ୍ରଦାନ

ମାଲକାନଗିରି,୨୧।୧(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ଏମ୍‌ଭି-୭ ସ୍ଥିତ ଜଗନ୍ନାଥପାଲି ଉଚ୍ଚ ବିଦ୍ୟାଳୟରେ ଇସ୍କନ ପକ୍ଷରୁ ୫ଶହ ଛାତ୍ରୀଛାତ୍ରଙ୍କୁ ଭଗବତ ଗୀତା ପ୍ରଦାନ କରାଯାଇଛି। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗୀତା ପ୍ରତି ଆକର୍ଷଣ ସୃଷ୍ଟି ଉଦ୍ଦେଶ୍ୟରେ ଇସ୍କନ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା କୁହାଯାଇଛି। ପ୍ରଥମ ଥର ପାଇଁ ଜିଲାରେ ଏପରି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହାକୁ ନେଇ ଛାତ୍ରୀଛାତ୍ରମାନେ ଖୁସିପ୍ରକାଶ କରିପ୍ରତ୍ୟେହ ଗୀତା ପାଠ କରିବେ ବୋଲି କହିଛନ୍ତି।

# ଜିଲା ସାମ୍ବାଦିକ ସଂଘର ଶପଥ ପାଠ ଉତ୍ସବ

ଜୟପୁର,୨୧।୧(ନି.ପ୍ର.)

କୋରାପୁଟ ଜିଲା ସାମ୍ବାଦିକ ସଂଘର ଶପଥ ପାଠ ଉତ୍ସବରେ ଶନିବାର ଖବରଦାତାଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଅତିଥିମାନେ ଗୁରୁତ୍ୱାରୋପ କରିଛନ୍ତି। ମୁଖ୍ୟ ଅତିଥି ବିଧାୟକ ତାରାପ୍ରସାଦ ବାହିନୀପତି କହିଥିଲେ, ପୂର୍ବରୁ ଖବରଦାତାଙ୍କ ସ୍ୱାର୍ଥ ସୁରକ୍ଷା ନେଇ ବାରମ୍ବାର ବିଧାନସଭାରେ ପ୍ରଶ୍ନ ହୋଇଛି, ଯାହାକୁ ଶାସକଦଳ ବିଧାୟକମାନେ ମଧ ସମର୍ଥନ ଦେଇଛନ୍ତି। ଖବରଦାତାମାନଙ୍କ ରହିଥିବା ଅନ୍ୟ ଦାବି ପୂରଣ ନେଇ ବିଧାନସଭାରେ ଉଠାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ସଂଘ ସାଧାରଣ ସମ୍ପାଦକ ରାଜେନ୍ଦ୍ର ଗୌଡ଼ ପୌରହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପ୍ରେସ କାଉନସିଲ ଅଫ ଇଣ୍ଡିଆ ସଦସ୍ୟ ପ୍ରସନ୍ନ ମହାନ୍ତି ଆଗାମୀ ଦିନରେ ଖବରଦାତାଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ୫ ଲକ୍ଷ ହେଉଥିବା ସୂଚନା ଦେଇଥିଲେ। ସମ୍ମାନିତ ଅତିଥି କୋରାପୁଟ ବ୍ୟାଙ୍କ ଅଧ୍ୟକ୍ଷ ଇଂ. ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ରାଜ୍ୟ ସରକାର କିଭଳି ଗଣମାଧ୍ୟମ ଏବଂ ଏହାର ପ୍ରତିନିଧିମାନଙ୍କୁ ଗୁରୁତ୍ୱ ଦିଅନ୍ତି ସେନେଇ ମତ ରଖିଥିଲେ। ଅନ୍ୟତମ ଅତିଥି ରୂପେ ଜିଲା ପରିଷଦ ଉପାଧ୍ୟକ୍ଷ ରାଧାବିନୋଦ ସାମନ୍ତରାୟ ଉପସ୍ଥିତ ଥିଲେ। ଜିଲା ଟ୍ରିବ୍ୟୁନାଲ ଅଧ୍ୟକ୍ଷ ସୁରେଶ ନାଇଡୁ ସ୍ୱାଗତ ସୂଚନା ଦେଇଥିଲେ। ଶୃଙ୍ଖଳା କମିଟି ଅଧ୍ୟକ୍ଷ ଶଶଧର ରାଉତ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ। ରାଜ୍ୟ ଶୃଙ୍ଖଳା କମିଟି ଅଧ୍ୟକ୍ଷ ପଙ୍କଜ ପାତ୍ର, ସଙ୍ଗଠନ ସମ୍ପାଦକ ମନୋଜ ପଟ୍ଟନାୟକ, ଭବାନୀ ଶଙ୍କର ମିଶ୍ର, ଉପଦେଷ୍ଟା ପରୀକ୍ଷିତ ବିଶ୍ୱାଳ ସଙ୍ଗଠନର ଉନ୍ନତି ଉପରେ ନିଜ ମତ ରଖିଥିଲେ। ଏହି ଅବସରରେ ଖବରଦାତା ରାକେଶ ପାଢ଼ୀ, ଜିତେନ୍ଦ୍ର ମିଶ୍ର, ଟି.ଗୋରୀ ଶଙ୍କର, କାର୍ଯ୍ୟକାରୀ ସଭାପତି ରଞ୍ଜନ ଦାଶ, ଉପସଭାପତି ପ୍ରତାପ ନିମାଲ, ଅମିତାଭ ବେହେରା, ସମ୍ପାଦକ କଳ୍ପତରୁ ମହାନ୍ତି, ରାଜଶେଖର ରାଓ, ସଙ୍ଗଠନ ସମ୍ପାଦକ ପରମେଶ୍ୱର ସାହୁଙ୍କ ସହ ଅନ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲା ରାୟ ଧନ୍ୟବାଦ ଦେଇଥିଲେ।

# କୋରାପୁଟ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନୂତନ ସଭ୍ୟଙ୍କ ଶପଥପାଠ

କୋରାପୁଟ,୨୧।୧(ସ୍ୱ.ପ୍ର.)

କୋରାପୁଟ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନୂତନ ସଭ୍ୟା ସଭ୍ୟାଙ୍କ ଶପଥପାଠ ଉତ୍ସବ ଶନିବାର ପରିଷଦର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନୂତନ ଭାବେ ମନୋନୀତ ହୋଇଥିବା ୨୪ ଜଣ ସଭ୍ୟାସଭ୍ୟଙ୍କୁ ସେମାନଙ୍କ ପଦ ଓ ଗୋପନୀୟତା ସମ୍ପର୍କରେ ଶପଥପାଠ କରାଯାଇଥିଲଶ। ଏହି ଅବସରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝି, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲକା, ଉପାଧ୍ୟକ୍ଷା ରାଧା ଗୋବିନ୍ଦ ସାମନ୍ତରାୟ, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ତଥା ଜିଲା ଯୋଜନା ବୋର୍ଡର ଅଧ୍ୟକ୍ଷ ରଘୁରାମ ପଡାଲ, କୋଟପାଡ ବିଧାୟିକା ପଦ୍ମିନୀ ଦିଆନ, କେସିସି ବ୍ୟାଙ୍କ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ , କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ସୁନାବେଡା ପୌରାଧ୍ୟକ୍ଷ ଡ. ରାଜେନ୍ଦ୍ର ପାତ୍ର, କୋଟପାଡ ଏନଏସି ଅଧ୍ୟକ୍ଷ ଶଙ୍କର ରାଓ ଜୟପୁର ପୌରାଧ୍ୟକ୍ଷ ଉପସ୍ଥିତ ରହି ଜିଲାର ଆଦିବାସୀମାନଙ୍କ ବିକାଶ ନେଇ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଭୂମିକା ଓ ଆଦିବାସୀଙ୍କ କଳା, ସଂସ୍କୃତି, ପରମ୍ପରାକୁ କିପରି ଭବିଷ୍ୟତ ପିଢିଙ୍କ ପାଇଁ ସୁରକ୍ଷିତ ରଖାଯାଇପାରିବ ସେ ଦିଗରେ ପରିଷଦ କାର୍ଯ୍ୟ କରିବ ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ଆଇଟିଡିଏ ପିଏ କାରୁ ସୋରେନ ପରିଚାଳନା କରିଥିଲେ।



କାର୍ଯ୍ୟକ୍ରମରେ ଜଣେ ସଭ୍ୟଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ




ମାଥିଲି,୨୧।୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ମାଥିଲି ବ୍ଲକସ୍ଥିତ ଉତ୍କଳମଣି ଗୋପବନ୍ଧୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ବ୍ଲକ ଅଧ୍ୟକ୍ଷ ମହେଶ ବାକା, ମୁଖ୍ୟବକ୍ତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁବ୍ରତ ଭଦ୍ର ଓ ସମ୍ମାନିତ ଅତିଥି ଭାବେ ଅଧ୍ୟାପକ ପ୍ରଦୀପ୍ତ ଦାସ,ରାଜକିଶୋର ଜେନା, ନବୀନ ବିଶ୍ୱାଳ, ଅଧ୍ୟାପିକା କାବେରୀ ପରିଡ଼ା,ଦୀପମାଳା ଦାସ, ମନୀଷା ଗୌଡ଼ ଯୋଗଦେଇଥିଲେ। ଛାତ୍ରୀମାନେ ଆବଶ୍ୟକ ସମୟରେ ପାଇଥିବା ଆତ୍ମରକ୍ଷା ତାଲିମର କୌଶଳ ଉପଯୋଗ କରି ସୁରକ୍ଷିତ ରହିବାକୁ ପରାମର୍ଶ ଦେଇଥିଲେ। ପ୍ରଶିକ୍ଷକ ସସ୍ମିତା କିର୍ସାନୀ ଓ ଖରା ଜ୍ୟୋତି ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ପ୍ରୟୋଗ ଉପରେ ମତ ରଖିଥିଲେ। ତାଲିମ ଶିବିରର ମୁଖ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଭଦ୍ର ୮ଦିନିଆ ତାଲିମ ଶିବିର ଉପରେ ନିଜ ଅନୁଭୂତି ପ୍ରକଶ କରିଥିଲେ। ବ୍ଲକ ଅଧ୍ୟକ୍ଷ ବାକା ରାଜ୍ୟ ସରକାରଙ୍କ ଏପରି ଆତ୍ମରକ୍ଷା ତାଲିମ ପ୍ରଶିକ୍ଷଣ ଦ୍ୱାରା ଛାତ୍ରୀମାନେ ନିଜର ରକ୍ଷକ ନିଜେ ହୋଇପାରିବେ ବୋଲି କହିଥିଲେ। ଏହି ଅବସରରେ +୨ ପ୍ରଥମ ବର୍ଷର ଜଣେ ଛାତ୍ରୀ ବିଦ୍ୟାଳୟରେ ହଷ୍ଟେଲ ସୁବିଧା ନ ଥିବାରୁ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ପ୍ରକାଶ କରି ଏ ଦିଗରେ ଦୃଷ୍ଟିଦେବାକୁ କହିଥିଲେ। ଏହା ଜାଣି ଅଧ୍ୟକ୍ଷ ବାକା ତୁରନ୍ତ ଏହି ସମସ୍ୟାର ସମାଧାନ କରିବା ପାଇଁ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ସଂଖ୍ୟାଲଘୁ, ଅନୁସୂଚିତଜାତି ଓ ଜନଜାତି ମନ୍ତ୍ରଣାଳୟ କମିଶନର ସଦସ୍ୟଙ୍କ ପ୍ରଶାସନ ସହ ଆଲୋଚନା

ମାଲକାନଗିରି,୨୧।୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଜିଲା ପରିଷଦ ସଭା ଗୃହରେ ଶନିବାର କେନ୍ଦ୍ର ସରକାରଙ୍କ ସଂଖ୍ୟାଲଘୁ ଓ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରାଣାଳୟ ପକ୍ଷରୁ କମିଶନର ସଦସ୍ୟ ଅନନ୍ତ ନାୟକଙ୍କ ଏକ ପ୍ରତିନିଧି ଦଳ ଜିଲାପାଳ ବିଶାଳ ସିଂଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ନେଇ ଏକ ବୈଠକରେ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଛନ୍ତି। ବୈଠକରେ ଜିଲାର ଆଦିମ ଜନଜାତି ବଣ୍ଡା ସମ୍ପ୍ରଦାୟର ବିକାଶ, ପୋଟେରୁ ଜଳ ସେଚନ ବ୍ୟବସ୍ଥା, ଅପପୁଷ୍ଟି, ଆବାସିକ ବିଦ୍ୟାଳୟର ବିକାଶ ସହ ୫୨ଟି ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ଓଡ଼ିଶାରେ ଏକ ପାଇଲଟ ପ୍ରଜେକ୍ଟ ରୂପେ ଜିଲାର ବଣ୍ଡା ଜନଜାତିଙ୍କ ବିକାଶ ପାଇଁ ବଣ୍ଡା ଉନ୍ନୟନ ସଂସ୍ଥା କାର୍ଯ୍ୟ କରୁଛି। ଏହି ସଂସ୍ଥା ମାଧ୍ୟମରେ ବର୍ତ୍ତମାନ ସୁଦ୍ଧା କେତେ ବିକାଶ ହୋଇଛି, ବଣ୍ଡା ଲୋକେ କେତେଦୂର ଲାଭ ପାଇଛନ୍ତି ସେନେଇ କମିଶନ ସଦସ୍ୟ ଜାଣିବାକୁ ଚାହିଁଥିଲେ। ବୈଠକ ପରେ ଜିଲାର ସମସ୍ତ ପଦାଧିକାରୀ ଜିଲାର ବିକାଶ ଦିଗରେ ପଦକ୍ଷେପ ନେଉଛନ୍ତି। ଅନେକ ପରିମାଣରେ ବିଭିନ୍ନ ପ୍ରକଳ୍ପମାନ କାର୍ଯ୍ୟକାରୀ ହୋଇଛି। କିଛି ସ୍ଥାନରେ ସାମାନ୍ୟ ସମସ୍ୟା ରହିଛି, ଏହାକୁ ଦୂର କରିବା ପାଇଁ ପଦକ୍ଷେପପ ଗ୍ରହଣ କରାଯିବ ବୋଲି ନାୟକ କହିଛନ୍ତି।

# ବୃହତ ପାନୀୟଜଳ ପ୍ରକଳ୍ପରେ ଉପକୃତ ହେବ ୬୧ ପଞ୍ଚାୟତ




ବ୍ଲକକୁ ବୃହତ ପାନୀୟଜଳ ପ୍ରକଳ୍ପ ସମ୍ପର୍କରେ ବିଜେଡି ନେତୃବୃନ୍ଦ ସୂଚନା ଦେଉଛନ୍ତି ।

- ମଞ୍ଜୁର ହୋଇଛି ୬୩୯ କୋଟି ୨୭ ଲକ୍ଷ
- ମାଲକାନଗିରି, କାଲିମେଳା, ଖଇରପୁଟ, ମାଥିଲି ବ୍ଲକରେ ହେବ ଏହି ପ୍ରକଳ୍ପ

ମାଲକାନଗିରି,୨୧।୧(ଡି.ଏନ୍.ଏ.)

ମାଲକାନଗିରି ଜିଲାର ବିଭିନ୍ନ ଗ୍ରାମରେ ଥିବା ନଳକୂପ ଜଳ ଲୌହଯୁକ୍ତ ହୋଇଥିବାରୁ ଏହାକୁ ବ୍ୟବହାର କରି ଅନେକ ଅଞ୍ଚଳରେ ଲୋକେ କିଡ୍‌ନୀ ରୋଗରେ ପୀଡିତ ହେଉଛନ୍ତି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲାର ମାଲକାନଗିରି, କାଲିମେଳା, ଖଇରପୁଟ ଓ ମାଥିଲି ବ୍ଲକ ନିମନ୍ତେ ୪ଟି ବୃହତ ପାନୀୟ ଜଳ ପ୍ରକଳ୍ପ ମଞ୍ଜୁର କରିଛନ୍ତି। ଏହାଦ୍ୱାରା ୬୧ ପଞ୍ଚାୟତଗୁଡିକର ୪୫୩ଟି ଗ୍ରାମର ୩,୧୩,୬୨୦ ଗ୍ରାମବାସୀ ଉପକୃତ ହେବେ। ଏହି ପାନୀୟ ଜଳ ପ୍ରକଳ୍ପ ପାଇଁ ୬୩୯ କୋଟି ୨୭ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ମୁଖ୍ୟମନ୍ତ୍ରୀ ଏହା ଘୋଷଣା କରିବା ପରେ ଜିଲା ବିଜୁ ଜନତା ଦଳ ପକ୍ଷରୁ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ ଅଞ୍ଚଳବାସୀ କୃତଜ୍ଞତା ଜଣାଇଛନ୍ତି। ଦୂର ଦୂରାନ୍ତର ଓ ପାହାଡ ଉପରେ ରହୁଥିବା ଜନବସତିଙ୍କ ପାଇଁ ସ୍ୱତନ୍ତ୍ର ପାନୀୟ ଜଳ ବ୍ୟବସ୍ଥା କରିବାକୁ ଜିଲା ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଗୁରୁତ୍ୱାରୋପ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଆଡମା ରାବା, ପୂର୍ବତନ ବିଧାୟକ ମାନସ ମାଡକାମି, ବରିଷ୍ଠ ପରାମର୍ଶଦାତା ଗୋପାଳ ପଣ୍ଡା, ରାଜେନ୍ଦ୍ର ପଣ୍ଡା, ଜିଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, କମଳା ବରାଲ, ସର୍ବେଶ୍ୱର ବିଶୋୟୀ, ସୁନିଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ମାଓବାଦୀଙ୍କ ଆତ୍ମସମର୍ପଣ



ଆତ୍ମସମର୍ପଣ କରିଥିବା ବେଟ୍ଟିଙ୍କୁ ସହାୟତା ରାଶି ପ୍ରଦାନ କରାଯାଉଛି।

ମାଲକାନଗିରି,୨୧।୧(ଡି.ଏନ.ଏ.)

ମାଲକାନଗିରି ଜିଲା ସୀମାନ୍ତ ସୁକ୍‌ମା ପୋଲିସ ନିକଟରେ ଶନିବାର ଜଣେ ମହିଳା ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାମ ବେଟ୍ଟି ମାଙ୍ଗି। ସେ ଛତିଶଗଡ଼ର ସୁକ୍‌ମା ଏସ୍‌ପି ସୁନୀଲ ଶର୍ମା, ଏସ୍‌ଟିଏଫ୍ ଓ କୋବ୍ରା ୨୦୮ ବାଟାଲିୟନର ଅଧିକାରୀଙ୍କ ନିକଟରେ ଆତ୍ମ ସମର୍ପଣ କରିଥିବା ଜଣାପଡିଛି। ବେଟ୍ଟିଙ୍କ ନାମରେ ଛତିଶଗଡ଼ ସରକାର ପୂର୍ବରୁ ୮ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ସେ ମାଓବାଦୀ ସଙ୍ଗଠନର ବାଟାଲିୟନ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ଓଡ଼ିଶା ସୀମାନ୍ତ ସମେତ ବିଭିନ୍ନ ସ୍ଥାନରେ ଅନେକ ବଡ ବଡ ହିଂସାକାଣ୍ଡରେ ବେଟ୍ଟି ଜଡିତ ଅଛନ୍ତି। ଏବେ ମାଓବାଦୀ ସଙ୍ଗଠନ ନିଜର ସ୍ଥିତି ହରାଉଥିବା ଏବଂ ବରିଷ୍ଠ ମାଓବାଦୀ କ୍ୟାଡରଙ୍କ ଅତ୍ୟାଚାର ଯୋଗୁ ସେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା କହିଛନ୍ତି। ତେବେ ତାଙ୍କୁ ସରକାରଙ୍କ ନିୟମ ଅନୁଯାୟୀ ସମସ୍ତ ସୁବିଧା ମିଳିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ବିଦ୍ୟାଳୟରେ ରେଡ୍‌କ୍ରସ୍ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ

କୁନ୍ଦୁରା,୨୧।୧(ଡି.ଏନ.ଏ.)

ବିଦ୍ୟାଳୟ ସ୍ତରରୁ ରେଡ୍‌କ୍ରସ୍ କାର୍ଯ୍ୟକ୍ରମକୁ କ୍ରିୟାଶୀଳ କରିବା ପାଇଁ କୋରାପୁଟ ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ ଗୁରୁତ୍ୱ ଦେଇଛନ୍ତି। ଜିଲା କନିଷ୍ଠ ରେଡ୍‌କ୍ରସ୍ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ଡଙ୍ଗରପାଉଁଶିସ୍ଥିତ ଅନନ୍ତ ବିଦ୍ୟାପୀଠ, ଲାଛନାଗୁଡା ଉଚ୍ଚ ବିଦ୍ୟାଳୟ, ଜନ୍ତାପୁଟ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, କଳାପଡ଼ା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଓ କୁନ୍ଦୁରାସ୍ଥିତ ସରକାରୀ ନୂତନ ଶ୍ରୀଅରବିନ୍ଦ ଶିକ୍ଷା ନିକେତନ ପରିଦର୍ଶନକରି ବିଦ୍ୟାଳୟଗୁଡ଼ିକର ରେଡ୍‌କ୍ରସ୍ କାର୍ଯ୍ୟ ତଦାରଖ କରିଥିଲେ। ଏହି ଅବସରରେ କଳାପଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ନୂତନ ଭାବେ କନିଷ୍ଠ ରେଡ୍‌କ୍ରସ୍ ଶାଖା ଗଠନ କରାଯାଇଥିଲା। ବିଦ୍ୟାଳୟଗୁଡ଼ିକରେ ରେଡ୍‌କ୍ରସ୍ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବାକୁ ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ପଣ୍ଡା ପରାମର୍ଶ ଦେଇଥିଲେ। କନିଷ୍ଠ ରେଡ୍‌କ୍ରସ୍ ତରଫରୁ ମାସ୍କ ବଣ୍ଟନ କରାଯିବା ସହିତ ବିଭିନ୍ନ ଜୀବନ ରକ୍ଷାକାରୀ କୌଶଳ ଉପରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ବିଜୟ ଭଞ୍ଜ, ସରୋଜ ପାଢ଼ୀ, ଶଙ୍କରୀ ବିଶ୍ୱାସ, କିଶୋର ପାଲ, ଦେବାଶିଷ ପଣ୍ଡା ଏବଂ ରେଡ୍‌କ୍ରସ୍ ପରାମର୍ଶଦାତା ରାଜେନ୍ଦ୍ର ସେଠୀ ଧରଣୀଧର ଧୀବର ସହଯୋଗ କରିଥିଲେ।

# 'ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ଭଲ ପାଠ ପଢ଼'

### ଏକମ୍ବା ବିଦ୍ୟାଳୟର ବାର୍ଷିକ ଉତ୍ସବ

ଜୟପୁର,୨୧।୧(ନି.ପ୍ର.)

ଏକମ୍ବା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଡ. ଜ୍ୟୋତ୍ସ୍ନା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ରାଜୀବ ଦାସ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମୃତ୍ୟୁଞ୍ଜୟ ପଣ୍ଡା, ଏସ୍‌ଏମ୍‌ଡିସି ସଭାପତି ରାମନାଥ ପାଣିଗ୍ରାହୀ, ସଭ୍ୟ ଲଇଚନ ହରିଜନ, ଏକମ୍ବା ସରପଞ୍ଚ ମୋତି ଗୁଣ୍ଠା, ନାଏବ ସରପଞ୍ଚ ଲିଲିପ୍ରଭା ମହାପାତ୍ର, ଧନପୁର ଓ ଆମ୍ବାଗୁଡ଼ା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଓମ୍ ପ୍ରକାଶ ମିଶ୍ର, ସୁନୀଲ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ମନ ଦେଇ ଭଲ ପାଠ ପଢିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। ଆଗାମୀ ଦିନରେ ଏହି ବିଦ୍ୟାଳୟରେ ସମସ୍ତ ଉନ୍ନତିମୂଳକ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଶିକ୍ଷକ ପ୍ରସନ୍ନ ପାଣିଗ୍ରାହୀ ଅତିଥି ପରିଚୟ ଦେଇଥିଲେ। ବି. ନଳିନ କୁମାର ବିବରଣୀ ପାଠ କରିଥିଲେ। ବୃନ୍ଦାବତୀ ଖରା, ରାଜଲକ୍ଷ୍ମୀ ପ୍ରିୟା ସାମନ୍ତରାୟ, ବାଳଗୋପାଳ ମିଶ୍ର ଓ ମନୋଜ ମିଶ୍ର ସହଯୋଗ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଉମାରାଣୀ ସାହୁ ଧନ୍ୟବାଦ ଦେଇଥିଲେ। ଫଟୋ: ଜଣେ କୃତୀ ଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।




ଅତିଥିମାନେ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି ।

## ସଂକ୍ଷେପରେ

### ବିଇଓଙ୍କୁ ଦାବି ଜଣାଇଲା ଶିକ୍ଷକ ସଂଘ

ଡାବୁଗାଁ, ୨୧।୧ (ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଲେଫ୍ଟ ଆଉଟ ଗଣଶିକ୍ଷକ ସଂଘ ପକ୍ଷରୁ ବିଇଓ ଶିବଶଙ୍କର ମଣ୍ଡଳ ଓ ଏବିଇଓ ଭଗବାନ ମାଝିଙ୍କୁ ନୂତନ ବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ୪୨ ଗଣଶିକ୍ଷକଙ୍କ ମଧ୍ୟରୁ ୩୩ ଜଣ ଓଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ଆଗାମୀ ଦିନରେ ଏକ୍ସ-କ୍ୟାଡର ସ୍ଥାୟୀ ଶିକ୍ଷକଭାବେ ଯୋଗ୍ୟ ବିବେଚିତ ହୋଇଥିବା ନିମନ୍ତେ ସେଥିନେଇ



ସରକାରୀ ଶିକ୍ଷା ବିଭାଗୀୟ କାଗଜପତ୍ର ଡିଇଓଙ୍କ ନିକଟକୁ ପଠାଇବାକୁ ବିଇଓଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟାଳୟର ୪ର୍ଥ ଶ୍ରେଣୀ କର୍ମଚାରୀ ବିଜୟ ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘ ସଭାପତି ବିଶ୍ୱକେଶ କୁମାର ତ୍ରିପାଠୀ, ଉପସଭାପତି ମନୋଜ ବିଶୋୟୀ, ସମ୍ପାଦକ ରଞ୍ଜିତ ଗୁପ୍ତା, କୋଷାଧ୍ୟକ୍ଷ ବିଭୁଦତ୍ତ ବିଶୋୟୀ, ଉପଦେଷ୍ଟା ନିରାକାର ପ୍ରଧାନ, ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା କର, ସୁଧା ପଟ୍ଟନାୟକ, ଶିକ୍ଷକ ଉମେଶ ପାତ୍ର, ଅମୂଲ୍ୟ ସାହୁ, ଭଗବାନ ମାଝି, ଅମୂଲ୍ୟ ନାୟକ, ରିୟାବିନ ସୁନାଙ୍କ ସମେତ ୩୩ ଜଣ ଗଣଶିକ୍ଷକ ଉପସ୍ଥିତ ଥିଲେ।

### ନୂତନ ଏବିଇଓଙ୍କ ଯୋଗଦାନ



ପାପଡ଼ାହାଣ୍ଡି, ୨୧।୧(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ନୂତନ ଏବିଇଓଭାବେ ସୁଦର୍ଶନ ମାଝି ଶୁକ୍ରବାର ଯୋଗଦେଇଛନ୍ତି। ଏହି ଅବସରରେ ବିଇଓ ବୀରେନ୍ଦ୍ର ପାଢ଼ୀ, ଏବିଇଓ ବାଳକ ଦାସ ରନ୍ଧାରୀ, ଏବିଇଓ ପୂର୍ଣ୍ଣଚନ୍ଦ୍ର ପୂଜାରୀ, ସିଆର୍‌ସିସି ମନୋଜ ମାଝି, ସିଆର୍‌ସିସି ବାବୁଲାଲ ହରିଜନ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ ଏବିଇଓ ମାଝି ପୂର୍ବରୁ ଜୟପୁର ଏବିଇଓଭାବେ କାର୍ଯ୍ୟ କରୁଥିଲେ।

### ଉମରକୋଟ ଭାଜପାର କାର୍ଯ୍ୟକାରିଣୀ ବୈଠକ

ଉମରକୋଟ, ୨୧।୧(ସ୍ୱ.ପ୍ର.)- ଭାଜପା ପକ୍ଷରୁ ଉମରକୋଟ ନଗର ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି ମୁଖ୍ୟ ଅତିଥି ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବୈଠକରେ ଦଳର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଚର୍ଚ୍ଚା ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ଦଳକୁ କିଭଳି ମଜଭୁତ କରାଯିବ ସେ ନେଇ କର୍ମୀ ଓ କର୍ମକର୍ତ୍ତାଙ୍କ ମତାମତ ନିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ଅଶୋକ ପାଢ଼ୀ, ପ୍ରଭାତ ନାୟକ, ଜଟି ପଟ୍ଟନାୟକ, ମନ୍ଦିରା ନାୟକ ତଥା ସମସ୍ତ ୱାର୍ଡର ପ୍ରମୁଖ କାର୍ଯ୍ୟକର୍ତ୍ତା ଏଥିରେ ଯୋଗଦେଇଥିଲେ।



ଚଇତି ମଞ୍ଚରେ ସମ୍ମାନିତ ହୋଇଥିବା ଅତିଥିମାନେ ।



ଆସାମର କଳାକାରଙ୍କ ଦ୍ୱାରା ବିହୁ ନୃତ୍ୟ ପରିବେଷଣ ।

# ଦର୍ଶକଙ୍କୁ ବାନ୍ଧି ରଖିଲା ଲୋକନୃତ୍ୟ 'ବିହୁ'

■ ଚଇତି ଚତୁର୍ଥ ସନ୍ଧ୍ୟା
■ ପ୍ରତିଭା ଦେଖାଇଲେ କଳାକାର

ରାୟଗଡ଼ା ଅଫିସ/ରାୟଗଡ଼ା(ସ୍ୱ.ପ୍ର.),୨୧।୧

ରାୟଗଡ଼ା ଜିଲାସ୍ତରୀୟ ଲୋକ ମହୋତ୍ସବ ଚଇତିର ଚତୁର୍ଥ ରଜନୀରେ ଆସାମର ଲୋକନୃତ୍ୟ ବିହୁ ଦର୍ଶକଙ୍କ ମନ ମୋହିଥିଲା। ସେହିପରି ରାଜ୍ୟ ବାହାରୁ ଆସିଥିବା ଅନେକ କଳାକାରଙ୍କ ଲୋକନୃତ୍ୟ ଆକର୍ଷଣୀୟ ହୋଇଥିଲା। ଶୀତୁଆ ସନ୍ଧ୍ୟାରେ କଳାକାର ନିଜ କଳା ମାଧ୍ୟମରେ ଦର୍ଶକଙ୍କୁ ବାନ୍ଧି ହୋଇ ରଖିଥିଲେ। ଚତୁର୍ଥ ସନ୍ଧ୍ୟାରେ ପ୍ରଥମେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା। ଏହାପରେ ବ୍ରହ୍ମପୁର ଲାଞ୍ଜିପଲ୍ଲୀରୁ ଆସିଥିବା କଳାକାରମାନେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ସେହିଭଳି ଦିଲ୍ଲୀ ହାର୍ଟବିଟ୍ ଷ୍ଟୁଡିଓ ପକ୍ଷରୁ ଗଣେଶ ନୃତ୍ୟ ପରିବେଷଣ କରାଯାଇଥିଲା। ପରେ ଆସାମର କଳାକାର ନିଜ କଳାର ଜାଦୁ ଦେଖାଇଥିଲେ। ବିକି ହଜାରିକା ଗ୍ରୁପ୍‌ର ବିହୁ ନୃତ୍ୟ ସମସ୍ତଙ୍କ ମନ ମୋହିଥିଲା। ସେହିଭଳି ନବରଙ୍ଗପୁର ଜିଲାର କଳାକାରମାନେ ରିଞ୍ଜୋଡି ନୃତ୍ୟ ପରିବେଷଣ କରିଥିବା ବେଳେ ବୌଦ୍ଧ ଜିଲାର କଳାକାର ଲୋକନୃତ୍ୟ, କୋରାପୁଟ ଜିଲାର ଢେମସା ଏବଂ ରାୟଗଡ଼ା ଜିଲାର କଳାକାର କୁଇ ନୃତ୍ୟ ପରିବେଷଣ କରିଥିଲେ। ଶେଷରେ କେରଳୀ ନୃତ୍ୟ ଥାୟାମ ଓ ତେଲୁଗୁ ନୃତ୍ୟ ପୋଙ୍ଗଲ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଯୋଗଦେଇ କଳା ଓ ସଂସ୍କୃତିର ଏହି ପର୍ବକୁ ଭୂୟସୀ ପ୍ରଶଂସା କରିଥିଲେ। ଏଭଳି ଉତ୍ସବ ପାଳନ ଦ୍ୱାରା କଳା ଓ ସଂସ୍କୃତିର ଆଦାନ ପ୍ରଦାନ ହେଉଛି ବୋଲି ସେ ଏଠାରେ ପ୍ରକାଶ କରିଥିଲେ। ରାୟଗଡ଼ା ଜିଲାପାଳ ସ୍ୱଧା ଦେବ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଉତ୍କଳ ଆଲୁମିନା ଇଣ୍ଟରନ୍ୟାଶନାଲ ଲିମିଟେଡ ସଭାପତି ମଜହର ବେଗ, ଜେକେ କାଗଜକଳ ନିର୍ବାହୀ ଉପସଭାପତି ବିନୟ ଦ୍ୱିବେଦୀ, ଇମ୍ଫା ଉପସଭାପତି ଆଶିଷ କୁମାର ରାୟ ଉପସ୍ଥିତ ଥିଲେ। ମଞ୍ଚରେ ୧୧ ଜଣଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ପରିଷଦ ନିର୍ବାହୀ ଅଧିକାରୀ ରବିନାରାୟଣ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡିଆଇପିଆର୍‌ଓ ବସନ୍ତ କୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଆର୍ମି ଅଫିସରଙ୍କ ନାଁରେ ୬୬.୫ ହଜାର ଠକେଇ

## ସାଇବର ଠକେଇର ଶିକାର ହେଲେ ବ୍ୟବସାୟୀ

ରାୟଗଡ଼ା ଅଫିସ,୨୧।୧

ଆର୍ମି ଅଫିସର ପରଚୟ ଦେଇ ଜଣେ ବ୍ୟବସାୟୀଙ୍କଠାରୁ ୬୬.୫ ହଜାର ଟଙ୍କାର ଠକେଇ କରିଛନ୍ତି ସାଇବର ଲୁଟେରା। ରାୟଗଡ଼ା ସହରର ବ୍ୟବସାୟୀ ମାନସ ରଞ୍ଜନ ନାୟକ ଏଭଳି ଠକାମିର ଶିକାର ହୋଇଛନ୍ତି। ଏ ନେଇ ମାନସ ଶନିବାର ରାୟଗଡ଼ା ଟାଉନ ଥାନାରେ ଏତଲା ଦେଇଛନ୍ତି। ପୋଲିସ ସାଇବର ଲୁଟେରାଙ୍କ ଆକାଉଣ୍ଟକୁ ଅଚଳ କରିବା ପାଇଁ ପ୍ରୟାସ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ପୂର୍ବାହ୍ନରେ ଆର୍ମି ଅଫିସରଙ୍କ ନାଁରେ ମାନସଙ୍କୁ ଫୋନ୍‌କଲ୍ ଆସିଥିଲା। ରାମକୃଷ୍ଣନଗରରେ ଥିବା ଏନ୍‌ସିସି ଅଫିସକୁ ୩ଟି ରସ ଡେକ୍‌ଚି, ୬ ଡ୍ରମ୍ ପଠାଇବାକୁ କହିଥିଲେ। ସାମଗ୍ରୀ ଅଫିସରେ ପହଞ୍ଚିବା ପରେ ଅନ୍‌ଲାଇନରେ ପେମେଣ୍ଟ କରିବାକୁ ଲୁଟେରା କହିଥିଲେ। ଫୋନ୍ କଲ୍ ପରେ ସମସ୍ତ ସାମଗ୍ରୀ ଏକ ଅଟୋରେ ଲୋଡ୍ କରି ମାନସଙ୍କ ଦୋକାନ ପିଲା ଏନ୍‌ସିସି ଅଫିସ ପାଖକୁ ଯାଇଥିଲେ। ଏହାପରେ ମାନସ ଫୋନ୍ ଆସିଥିବା ନମ୍ବରରେ ଯୋଗାଯୋଗ କରିଥିଲେ। ସାମଗ୍ରୀ ଓହ୍ଲାଇବା ପୂର୍ବରୁ ଫୋନ୍ ପେ'ରେ ୧ ଟଙ୍କା ପଠାଇବାକୁ ଲୁଟେରା କହିଥିଲେ। ମାନସ ଟଙ୍କା ପଠାଇବା ପରେ ଲୁଟେରା ମାନସଙ୍କ ଆକାଉଣ୍ଟକୁ ୨ ଟଙ୍କା ପଠାଇଥିଲେ। ଲୁଟେରା ପୁଣି ୧୧,୦୨୮ ଟଙ୍କା ପଠାଇବାକୁ ମାନସଙ୍କୁ କହିଥିଲେ। ସାମଗ୍ରୀ ଟଙ୍କା ସହ ଏହି ଟଙ୍କା ଅନ୍‌ଲାଇନରେ ଶୀଘ୍ର ଏନ୍‌ସିସି ହେଡ୍ ଅଫିସରୁ ଆକାଉଣ୍ଟକୁ ଆସିଯିବ ବୋଲି କହିଥିଲେ। ବିଶ୍ୱାସକରି ମାନସ ୧୧,୦୨୮ ଟଙ୍କା ପଠାଇଥିଲେ। ପରେ ପୁଣି ୧୧,୧୧୧ ଟଙ୍କା ପଠାଇବାକୁ କହିଥିଲେ। ମାନସ ପୁଣି ଟଙ୍କା ପଠାଇବା ସହ ଅନ୍‌ଲାଇନରେ କୌଣସି ଟଙ୍କା ତାଙ୍କ ଆକାଉଣ୍ଟକୁ ଆସି ନ ଥିବା ଲୁଟେରାଙ୍କୁ ଜଣାଇଥିଲେ। ହେଲେ ଲୁଟେରା ଚତୁରତାର ସହ ପୁଣି ଫୋନ୍ ପେ'ରେ ୨୨,୨୨୨ ଟଙ୍କା ପଠାଇବାକୁ କହିଥିଲେ। ମାନସ ପ୍ରଥମେ ରାଜି ହୋଇ ନ ଥିଲେ ମଧ୍ୟ ଠକାମିର ଶିକାର ହେଉଥିବା ବୁଝି ନ ପାରି ପରେ ୨୨ ହଜାର ୨୨୨ ଟଙ୍କା ଲେଖାଏ ଦୁଇଥର ପଠାଇଥିଲେ। ମୋଟ ୬୬,୫୮୩ ଟଙ୍କା ନେବାପରେ ଲୁଟେରା ମାନସଙ୍କୁ ବ୍ଲାକ୍‌ମେଲ୍ କରିଥିଲେ। ଠକାମିର ଶିକାର ହୋଇଥିବା ଜାଣିବା ପରେ ମାନସ ତୁରନ୍ତ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ତଦନ୍ତ କରୁଛନ୍ତି। ମାନସଙ୍କ ଆକାଉଣ୍ଟରୁ କଟିଥିବା ଟଙ୍କା ଲୁଟେରାଙ୍କ ଆକାଉଣ୍ଟରେ ଥିଲେ ଉକ୍ତ ଆକାଉଣ୍ଟକୁ ଅଚଳ କରାଯାଇ ଟଙ୍କା ଫେରାଇ ଆଣିବାକୁ ପଦକ୍ଷେପ ନିଆଯିବ ବୋଲି ଥାନା ଅଧିକାରୀ ପ୍ରଧାନ କହିଛନ୍ତି।

# ମନ ମୋହିଲା ଛାତ୍ରୀଛାତ୍ରଙ୍କ ନୃତ୍ୟ, ନାଟକ

## ଗାନ୍ଧୀ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ଗୁଣପୁର,୨୧।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ଗାନ୍ଧୀ ପବ୍ଲିକ ସ୍କୁଲରେ ୧୯ତମ ବାର୍ଷିକ ଉତ୍ସବ ଶନିବାର ପାଳିତ ହୋଇଯାଇଛି। ଅତିଥି ଭାବେ ଜିଆଇଇଟି ବିଶ୍ୱବିଦ୍ୟାଳୟର ସଭାପତି ସତ୍ୟପ୍ରକାଶ ପଣ୍ଡା, ଉପ ସଭାପତି ଚନ୍ଦ୍ରଧ୍ୱଜ ପଣ୍ଡା, ମହାନିର୍ଦ୍ଦେଶକ ଜଗଦୀଶ ପଣ୍ଡା ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଅଧ୍ୟକ୍ଷ ସୁବ୍ରତ ରଞ୍ଜନ ପାଠୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ନର୍ସରୀ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ



ଛାତ୍ରୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି ।

ସମଗ୍ର ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ମେଗା ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ଓଡ଼ିଶୀ ନୃତ୍ୟ, ଭକ୍ତିଗୀତିକା, ପୌରାଣିକ, ପରିବେଶ ସୁରକ୍ଷା, ଦେଶାତ୍ମବୋଧ ନାଟକ ଆକର୍ଷଣୀୟ ହୋଇଥିଲା। ବିଦ୍ୟାଳୟର କୁନକୁନି ଛାତ୍ରୀଛାତ୍ରଙ୍କ କାର୍ଯ୍ୟକ୍ରମ ଦେଖିବା ପାଇଁ ଅଭିଭାବକ ତଥା ଗୁଣପୁର ଅଞ୍ଚଳର ଅଧିବାସୀ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ସାଂସ୍କୃତିକ ସଞ୍ଚାଳକ ମନୋଜ କୁମାର ପାଣିଗ୍ରାହୀ, ସଙ୍ଗୀତ ନୃତ୍ୟଗୁରୁ କେଦାରନାଥ ବିଶ୍ୱାଳ ଏବଂ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ନିର୍ଦ୍ଦେଶନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଓଡ଼ିଆ ପ୍ରିମିୟର ଆନୁକୂଲ୍ୟରେ ବିବିଧ ପରୀକ୍ଷା

ଝରିଗାଁ,୨୧।୧(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଝରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଓଡ଼ିଆ ପ୍ରିମିୟର ଆନୁକୂଲ୍ୟରେ ପ୍ରବନ୍ଧ ଲିଖନ, ବକ୍ତୃତା ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଓଡ଼ିଆ ଅଧ୍ୟାପକ ଗୋପାଳ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଇଂରାଜୀ ଅଧ୍ୟାପକ ଶଙ୍କର ନାଲା, ରାଜନୀତି ବିଜ୍ଞାନ ଅଧ୍ୟାପକ ସନ୍ତୋଷ ଖିଲାର, ଅର୍ଥନୀତି ଅଧ୍ୟାପିକା ତୁଷାରୀ କୁମାରୀ ପଟ୍ଟନାୟକ, ଗ୍ରନ୍ଥାଗାରିକ ମନୋଜ ମହାପାତ୍ର ବିଚାରକ ଦାୟିତ୍ୱ ତୁଲାଇଥିଲେ। କୃତୀ ପ୍ରତିଯୋଗୀଙ୍କୁ ସାଧାରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ।

# ଚନ୍ଦ୍ରପୁରରେ ପଞ୍ଚାୟତ ସମିତି ବୈଠକ

## ଗଣମାଧ୍ୟମ ପ୍ରତିନିଧିଙ୍କୁ ଅଣଦେଖା

ଚନ୍ଦ୍ରପୁର,୨୧।୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସଭାଗୃହ ପରିସରରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବ ବୈଠକ ବିଷୟରେ ଏବଂ ବିଭିନ୍ନ ଉନ୍ନୟନମୂଳକ କାମର ଅଗ୍ରଗତି ନେଇ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ସ୍ୱାସ୍ଥ୍ୟ, ଗମନାଗମନ, ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ ପ୍ରକ୍ରିୟା, ଜଳଯୋଗାଣ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ପରିତାପର ବିଷୟ ହେଲା ବୈଠକ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କୁ କୌଣସି ସୂଚନା ମିଳିନାହିଁ। ପୂର୍ବରୁ ବ୍ଲକସ୍ତରୀୟ ଚଇତିରେ ମଧ୍ୟ ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ ଏବଂ ସାମାଜିକ କର୍ମୀଙ୍କୁ ବିଡିଓ ଅଣଦେଖା କରିଥିଲେ। ସରକାରଙ୍କ ଲୋକାଭିମୁଖୀ ଯୋଜନାର ପ୍ରଚାର ପ୍ରସାର ଦିଗରେ ବିଡିଓଙ୍କ ଆଗ୍ରହ ନ ଥିବା ମତପ୍ରକାଶ ପାଉଛି। ଏଭଳି ମନମୁଖୀ କାର୍ଯ୍ୟକୁ ଚନ୍ଦ୍ରପୁର ପ୍ରେସ୍ କ୍ଲବ୍ ପକ୍ଷରୁ ମଧ୍ୟ ନିନ୍ଦା କରାଯାଇଛି।

# ୨୦୦୦ କୁଇଣ୍ଟାଲ ମାଣ୍ଡିଆ କିଣା ଲକ୍ଷ୍ୟ

## ନନ୍ଦାହାଣ୍ଡିରେ ମାଣ୍ଡିଆମଣ୍ଡି ଉଦ୍‌ଘାଟିତ

ନନ୍ଦାହାଣ୍ଡି,୨୧।୧(ଡି.ଏନ୍.ଏ.)

ମାଣ୍ଡିଆ ଚାଷ ଦିଗରେ ଆକୃଷ୍ଟ କରିବା ପାଇଁ ମିଲେଟ୍ସ ମିଶନ ଜରିଆରେ ଚାଷୀଙ୍କୁ ପ୍ରୋତ୍ସାହନ ଦିଆଯିବା ସହ ସଚେତନ କରାଯାଉଛି। ଫଳରେ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ବହୁ ଚାଷୀ ମାଣ୍ଡିଆ ଚାଷ କରିଛନ୍ତି। ପୂର୍ବରୁ ମାଣ୍ଡିଆ ଦର କମ୍ ଥିବାରୁ ଏବଂ ବିକ୍ରି କରିବା ଅସୁବିଧା ହେଉଥିବାରୁ ଲୋକେ ମାଣ୍ଡିଆ ଚାଷରୁ ବିମୁଖ ହେଉଥିଲେ। ଚାଷୀ କେମିତି ନିଜ ଅମଳ କରିଥିବା ମାଣ୍ଡିଆ ଭଲ ଦରରେ ବିକ୍ରି କରିପାରିବେ ସେଥିପାଇଁ ମାଣ୍ଡିଆ ମଣ୍ଡି କରିବାର ଯୋଜନା କରିଛନ୍ତି ସରକାର। ଚଳିତବର୍ଷ ପ୍ରଥମ ଥର ପାଇଁ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକରେ ଏହି ମାଣ୍ଡିଆ ମଣ୍ଡିର ଶୁଭ ଉଦ୍‌ଘାଟନ କରାଯାଇଛି। ନନ୍ଦାହାଣ୍ଡି ବ୍ଲକ ଅଧୀନ ସରୁଗୁଡ଼ାରେ ଥିବା ଆର୍‌ଏମ୍‌ସି ଗୋଦାମ ଲ୍ୟାମ୍ପସ ନିର୍ଦ୍ଦେଶକ ଲକ୍ଷ୍ମୀନାରାୟଣ ମାଝି, ଜିଲା ପରିଷଦ ସଭ୍ୟ ଅରୁଣ ମିଶ୍ର, ଲ୍ୟାମ୍ପ୍ସ ଏମ୍‌ଡି ଥବୀର ଜାନି, ସହାୟକ କୃଷି ନିର୍ଦ୍ଦେଶକ କମଳଲୋଚନ ନାୟକ, ସହାୟକ କୃଷି ଅଧିକାରୀ ଅମିତ ମଲ୍ଲିକ, ମିଲେଟ୍ ମିଶନ ଜିଲା ସଂଯୋଜକ ମୃତ୍ୟୁଞ୍ଜୟ କନ୍ଦପାନ, କ୍ଷେତ୍ରୀୟ ସଂଯୋଜକ ବିଜୟଲକ୍ଷ୍ମୀ ସିଂ, ଆର୍‌ଏମ୍‌ସି ମାର୍କେଟିଂ ଅଫିସର ସୂର୍ଯ୍ୟନାରାୟଣ ନାୟକ, ଟିଡିସିସି ମାର୍କେଟିଂ ଅଫିସର ପ୍ରକାଶ ଦାଶ ମଣ୍ଡି ଉଦ୍‌ଘାଟନ ବେଳେ ଉପସ୍ଥିତ ଥିଲେ। ନନ୍ଦାହାଣ୍ଡି ସମବାୟ ସମିତି ଜରିଆରେ ଟିଡିସିସି ଚାଷୀଙ୍କଠାରୁ ମାଣ୍ଡିଆ କିଣିବା ନିଷ୍ପତ୍ତି ନେଇଥିବା ବେଳେ ମାଣ୍ଡିଆ ମାନ ନିର୍ଦ୍ଧାରଣ ଦାୟିତ୍ୱ ଆର୍‌ଏମ୍‌ସିକୁ ଦିଆଯାଇଛି। ଏବେ ଯାଏ ମୋଟ ୫୧୫ ଜଣ ଚାଷୀ ମାଣ୍ଡିଆ ବିକ୍ରି ପାଇଁ ପଞ୍ଜୀକରଣ କରିଛନ୍ତି। ମାଣ୍ଡିଆ ଦର କୁଇଣ୍ଟାଲ ପିଛା ୩୫୭୮ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଏ ବର୍ଷ ନନ୍ଦାହାଣ୍ଡି ବ୍ଲକରୁ ପ୍ରାୟ ୨୦୦୦ କୁଇଣ୍ଟାଲ ମାଣ୍ଡିଆ କିଣିବା ଲକ୍ଷ୍ୟ ରଖାଯାଇଛି ବୋଲି ସହାୟକ କୃଷି ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଉନ୍ନତ ଚାଷ ପ୍ରଣାଳୀ, ସରକାରୀ ସହାୟତା ଏବଂ ସଚେତନତାର ଦାୟିତ୍ୱ ଦୋସ୍ତ ଏନ୍‌ଜିଓକୁ ଦିଆଯାଇଛି। ପ୍ରଥମ ଦିନ ମଣ୍ଡିରେ ମୋଟ ୫୨ କୁଇଣ୍ଟାଲ ମାଣ୍ଡିଆ କିଣାଯାଇଛି।



ମଣ୍ଡି ଉଦ୍‌ଘାଟନ ବେଳେ ଉପସ୍ଥିତ ଅତିଥିମାନେ।

# ସ୍କୁଲ ରୂପାନ୍ତରଣ କାମକୁ ବିରୋଧ କଲେ ଗ୍ରାମବାସୀ



ଅଧିକାରୀମାନେ ଗ୍ରାମବାସୀଙ୍କୁ ବୁଝାଉଛନ୍ତି।

କୋଡିଙ୍ଗା,୨୧।୧(ଡି.ଏନ୍.ଏ.)

ସ୍କୁଲ ଜାଗାକୁ ନେଇ ପ୍ରଶାସନ ଓ ଗ୍ରାମବାସୀଙ୍କ ମଧ୍ୟରେ ଦେଖାଦେଇଛି ବିବାଦ। ଫଳରେ ସ୍କୁଲ ରୂପାନ୍ତରଣ କାମକୁ ଗ୍ରାମବାସୀ ବିରୋଧ କରିଛନ୍ତି। ନବରଙ୍ଗପୁର ପିଡି ଅନ୍ୟା ଦାସ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନାହିଁ। ଏଭଳି ଘଟଣା କୋଷାଗୁମୁଡ଼ା ବ୍ଲକ ସଦର ବାଲେଙ୍ଗା ପଞ୍ଚାୟତରେ ଘଟିଛି।

ବାଲେଙ୍ଗା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ୬୩ ଡିସିମିଲି ଜାଗାରେ ୧୯୬୨ରେ ସ୍ଥାପିତ ହୋଇଥିଲା। ପ୍ରଥମରୁ ଦଶମ ଶ୍ରେଣୀ ପାଇଁ ୬ଟି ଶ୍ରେଣୀଗୃହ ରହିଛି । ସେଥିରୁ ୩ଟି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବ୍ଲକରେ ୩ୟ ପର୍ଯ୍ୟାୟରେ ଏହି ହାଇସ୍କୁଲଟି ୫-ଟି ସ୍କୁଲ ରୂପାନ୍ତରିକରଣ ପାଇଁ ମନୋନୀତ ହୋଇଥିଲା। ସ୍କୁଲର ସ୍ଥାନ ଅଭାବ ଯୋଗୁ ଗ୍ରାମର ମୁଖ୍ୟରାସ୍ତା ନିକଟରେ ଥିବା ୭ଏକର ଜାଗାରେ ରୂପାନ୍ତରିକରଣ କାମ କରିବାକୁ ଲୋକପ୍ରତିନିଧି ଓ ଗ୍ରାମବାସୀ ଜିଲା ପ୍ରଶାସନକୁ ଲିଖିତଭାବେ ଜଣାଇଥିଲେ। କିନ୍ତୁ ସୁଫଳ ମିଳି ନ ଥିଲା। ଗ୍ରାମବାସୀ ସ୍କୁଲ ରୂପାନ୍ତରିକରଣ କାମକୁ ବନ୍ଦ କରାଇଥିଲେ। ନବରଙ୍ଗପୁର ଆଇଟିଡିଏ ପି.ଡି. ଅନ୍ୟା ଦାସ, ବିଡିଓ ସୁକାନ୍ତ ପଟ୍ଟନାୟକ, ସହକାରୀ ଯନ୍ତ୍ରୀ ଭଗବାନ ବେହେରା, କନିଷ୍ଠ ଯନ୍ତ୍ରୀ ଦିଲୀପ ମିଶ୍ର, ଗୋବିନ୍ଦ କହଁର ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ପୁରୁଣା ସ୍କୁଲ ସ୍ଥାନରେ ରୂପାନ୍ତରିକରଣ କାମ କରାଇ ଦିଆଯିବନାହିଁ ବୋଲି ଗ୍ରାମବାସୀ କହିବା ସହ ନିଜ ଜିଦ୍‌ରେ ଅଟଳ ଥିଲେ।

## ଆକାଂକ୍ଷାଙ୍କୁ ଚଇତି ସମ୍ମାନ

ରାୟଗଡ଼ା ଅଫିସ,୨୧।୧

ସାହସିକତା ପାଇଁ ରାୟଗଡ଼ାର ଆକାଂକ୍ଷା ସାହୁଙ୍କୁ ଶୁକ୍ରବାର ଚଇତି ଲୋକ ମହୋତ୍ସବ-୨୦୨୨ ସମ୍ମାନରେ ସମ୍ମାନିତ କରାଯାଇଛି। ୨୦୨୨ ଜୁନ୍ ୧୫ରେ ଆକାଂକ୍ଷା ନିଜ ପରିବାର ସହ ମନାଲି ବୁଲିବାକୁ ଯାଇଥିଲେ। ରୋହତଙ୍ଗ ପାସ୍ ଠାରେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରୁଥିବା ବେଳେ ହଠାତ ପାଗରେ ପରିବର୍ତ୍ତନ ଯୋଗୁ ବରଫ ଅତଡ଼ା ଖସିଥିଲା। ଏହି ସମୟରେ ଏକ ଉଚ୍ଚ ସ୍ଥାନରେ ଫସି ରହିଥିବା ରାଜସ୍ଥାନର ୨ ପର୍ଯ୍ୟଟକ ଏବଂ ସେମାନଙ୍କ ୨ ଶିଶୁଙ୍କୁ ଆକାଂକ୍ଷା ବିପଦରୁ ରକ୍ଷା କରିଥିଲେ। ତାଙ୍କର ଏଭଳି ମାନବିକତା ଏବଂ ସାହସିକତା ପାଇଁ



ଚଇତିରେ ତାଙ୍କୁ ସମ୍ମାନିତ କରାଯାଇଛି। ରାଜ୍ୟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝି ଉପସ୍ଥିତ ରହି ଆକାଂକ୍ଷାଙ୍କୁ ପୁରସ୍କୃତ କରିଛନ୍ତି।

# ପ୍ରକଳ୍ପ ବୁଲି ଦେଖିଲେ ଜାତୀୟ ମନିଟରିଂ ଦଳ

ଉମରକୋଟ, ୨୧।୧(ସ୍ୱ.ପ୍ର.)

ବିଭିନ୍ନ ଯୋଜନା ବାବଦକୁ କେନ୍ଦ୍ର ସରକାର ଦେଉଥିବା ଅର୍ଥ କିପରି ଖର୍ଚ୍ଚ ହେଉଛି, କାର୍ଯ୍ୟର ଗୁଣବତ୍ତା ଆଦି ତଦାରଖ ପାଇଁ ଜାତୀୟସ୍ତରୀୟ ମନିଟରିଂ ଦଳ ଶନିବାର ଉମରକୋଟ ବ୍ଲକ୍ ଗସ୍ତ କରିଥିଲେ। ସେମାନେ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିଛନ୍ତି।

ନୂଆ ଦିଲ୍ଲୀର ଏଏମ୍‌ସି ସଂସ୍ଥାର ଧରମ କୁମାର, ସୁରେନ୍ଦ୍ର କୁମାର ତଦାରଖ ପାଇଁ ଆସିଛନ୍ତି। ସେମାନେ ପ୍ରଥମେ କାରାଗାଁ ଯାଇ ଇନ୍ଦିରା ଆବାସ ଯୋଜନା ରେ ନିର୍ମାଣ ହୋଇଥିବା ଗୃହ ଦେଖିଥିଲେ। ଏଥିସହ ବୃଦ୍ଧାବୃଦ୍ଧଙ୍କୁ ମିଳୁଥିବା ଭତ୍ତା ସମ୍ପର୍କରେ ଲୋକଙ୍କୁ ପଚାରି ବୁଝିଥିଲେ। ଏମ୍‌ଜିଏନ୍‌ଆଇଜିଏସ୍ ଓ ପ୍ରଧାନମନ୍ତ୍ରୀ କୃଷି ଜଳସେଚନ ପ୍ରକଳ୍ପ ଦେଖିଥିଲେ। ସେଠାରୁ ବଡଭରଣ୍ଡି ପଞ୍ଚାୟତର ପାର୍କ, କଲ୍ୟାଣ ମଣ୍ଡପ,୫-ଟି ସ୍କୁଲ ପରିଦର୍ଶନ କରିବା ସହ ମହୁଲି ଗ୍ରାମରେ ନିର୍ମାଣ ହେଉଥିବା ଅଙ୍ଗନୱାଡି ଗୃହ ଓ ବହୁ ମୁଖି ଯୋଜନା ଟ୍ୟାଙ୍କ ଦେଖିଥିଲେ। ୫-ଟି ସ୍କୁଲ ପଡିଆରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ମାଟି ପକାକୁ ନେଇ ବିଗିଡ଼ିଥିଲେ। ବିଏସ୍‌ପଦର ଗ୍ରାମକୁ ଯାଇ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ ହେଇଥିବା ରାସ୍ତା କାମ ତଦାରଖ କରିଥିଲେ। ଏହି ସମୟରେ ଉମରକୋଟ ବିଡିଓ ଡକ୍ଟର ହିମାଞ୍ଚଳ ମାଝି, ଓରମାସ ଡେପୁଟି ସିଇଓ ଉମା ମହେଶ, ଉମରକୋଟ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ସଙ୍କେତ ନାୟକ, କନିଷ୍ଠ ଯନ୍ତ୍ରୀ ତୁଳସୀରାମ ଶବର, କନିଷ୍ଠ ଯନ୍ତ୍ରୀ ରୁଦ୍ରପ୍ରସାଦ ପାତ୍ର, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କୃଷ୍ଣପ୍ରିୟା ଗମାଙ୍ଗ, କନିଷ୍ଠ ଯନ୍ତ୍ରୀ ହେନ୍ଦେତାରୁବ ବେଶ୍ରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



# ଆଦିବାସୀଙ୍କ ସଂସ୍କୃତି ସହ ଦକ୍ଷତାର ବିକାଶ କରିବାକୁ ପରାମର୍ଶ

ନବରଙ୍ଗପୁର,୨୧।୧(ବି.ପ୍ର.)

ରାଷ୍ଟ୍ରୀୟ ଏସ୍‌ଟି କମିଶନ ସଭ୍ୟ ଅନନ୍ତ ନାୟକ ଶନିବାର ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ବିଭିନ୍ନ ବିଭାଗକୁ ନେଇ ସମୀକ୍ଷା କରିଛନ୍ତି। ଆଦିବାସୀଙ୍କ ସଂସ୍କୃତି ସହ ଦକ୍ଷତାର ବିକାଶ କରିବାକୁ ସେ ପରାମର୍ଶ ଦେଇଥିଲେ।

ଅନୁସୂଚିତ ଜନଜାତିଙ୍କ ଉଦ୍ଦେଶ୍ୟରେ ଆସୁଥିବା ଅନୁଦାନ ସାଧାରଣ ବର୍ଗ ପାଇଁ ଖର୍ଚ୍ଚ ହେଉଛି ବୋଲି କହିଥିଲେ। ଅନୁସୂଚିତ ଜନଜାତିଙ୍କ ପାଇଁ କେଉଁ ବିଭାଗକୁ କେତେ ଅନୁଦାନ ଆସିଛି ତାହାର ରିପୋର୍ଟ ମାଗିଥିଲେ। ଜିଲାରେ ୩୭ ହଜାର ୫୭୭ ପିଲା ମାଟ୍ରିକ୍ ସ୍କଲାରଶିପ୍ ପାଉଥିବା ଶିକ୍ଷା ବିଭାଗ ସୂଚନା ଦେଇଛି। ଜିଲାରେ କ୍ରଶର ସ୍ଥାପନ ପୂର୍ବରୁ ଗ୍ରାମସଭା ଠିକ୍ ଭାବେ ହେଉନାହିଁ। ଗ୍ରାମସଭା, ପଲ୍ଲିସଭା ନ ଥାଇ ଉସିଗାଁରେ ପଥର ଫଟାଯିବା ନେଇ ଯେଉଁମାନେ ଅଭିଯୋଗ କରିଥିଲେ ସେମାନଙ୍କ ନାଁରେ ମାମଲା ରୁଜୁ କରାଯିବା ଘଟଣାକୁ ଅନନ୍ତ ନାପସନ୍ଦ କରିବା ସହ ବିରକ୍ତ ହୋଇଥିଲେ। ଏହି ମାମଲା କିଭଳି ପ୍ରତ୍ୟାହାର ହେବ ସେନେଇ ପ୍ରଶାସନ ପଦକ୍ଷେପ ନିଅନ୍ତୁ ବୋଲି ସେ କହିଥିଲେ। ସମସ୍ତ ଅଧିକାରୀ ଆଦିବାସୀଙ୍କ ମୂଳ ସ୍ୱଭାବକୁ ବୁଝନ୍ତୁ ବୋଲି ପରାମର୍ଶ ଦେଇଥିଲେ। ପ୍ରତି ଘରକୁ ପାଇପ୍ ଯୋଗେ ମାଗଣା ପାନୀୟଜଳ ଯୋଗାଣ କରନ୍ତୁ। ଆରୋ ପାଣି ସ୍ୱାସ୍ଥ୍ୟ ପାଇଁ ହାନିକାରକ ବୋଲି ସେ ପରାମର୍ଶ ଦେଇଥିଲେ। ଜିଲାରେ ମାଗଣା ଚାଉଳ ଯୋଗାଣ ସମ୍ପର୍କରେ ଜିଲାପାଳ କମଳ ଲୋଚନ ମିଶ୍ର ତଥ୍ୟ ଦେଇଥିଲେ। ଜିଲାରେ ଚାଉଳ ଅଭାବରୁ ଯୋଗାଣରେ ୨ ମାସ ହେବ ସମସ୍ୟା ଥିଲା। ଚଳିତ ମାସରୁ ଆଉ ସମସ୍ୟା ନାହିଁ। ଜିଲାରେ ୨୬୫ ମଧ୍ୟରୁ ୧୦୩ ଜଣ ଡାକ୍ତର ରହିଛନ୍ତି ବୋଲି ସିଡିଏମ୍‌ଓ କାଳୀପ୍ରସାଦ ବେହେରା କହିଥିଲେ। ଜିଲାର ଅନେକ ଗାଁକୁ ରାସ୍ତା ନ ଥିବାରୁ ଗର୍ଭବତୀ, ପ୍ରସୂତି ଓ ରୋଗୀ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚି ପାରୁନାହାନ୍ତି। ଏନେଇ ସ୍ୱତନ୍ତ୍ର ଅନୁଦାନ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ପ୍ରାଥମିକତା ଭାବେ କାର୍ଯ୍ୟ ଆରମ୍ଭ ହୋଇଥିବା ଜିଲାପାଳ ସୂଚନା ଦେଇଥିଲେ। ସମନ୍ୱିତ ଅନୁସୂଚିତ ଜନଜାତି ବିଭାଗ ୪୭ ହଜାର କୋଟି ଟଙ୍କା ଖର୍ଚ୍ଚର ବ୍ୟବହାର ଉପଯୋଗୀ ପ୍ରମାଣପତ୍ର ଦେଇ ନ ଥିବାରୁ ଅନୁଦାନ ଆସିପାରୁନାହିଁ। ନବରଙ୍ଗପୁର ଜିଲାରେ ମଧ୍ୟ ଅନୁଦାନ ଅର୍ଥ ଖର୍ଚ୍ଚ ହୋଇ ନ ଥିବା ଜଣାପଡ଼ିଛି ବୋଲି ବୈଠକରେ ପ୍ରଶ୍ନ ଉଠାଇଥିଲେ। ଜିଲାରେ ଜାତିଗତ ପ୍ରମାଣପତ୍ର ନେଇ ହୋଇଥିବା ତଦନ୍ତ ଉପରେ ମଧ୍ୟ ଆଲୋଚନା କରାଯାଇଛି।



ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଜିଲାରେ ଜଙ୍ଗଲ ଜମି ବ୍ୟକ୍ତିଗତ ପଟ୍ଟା ପାଇଁ ୪୪,୫୦୪ ଜଣ ଆବେଦନ କରିଥିଲେ। ୩୧ ହଜାର ଜଣଙ୍କ ଆର୍‌ଓଆର୍ ପରିବର୍ତ୍ତନ ହୋଇଛି। ବର୍ତ୍ତମାନ ମଧ୍ୟ ସର୍ଭେ ଚାଲିଛି। ୬୦ ଗୋଷ୍ଠୀଗତ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି ବୋଲି ସହକାରୀ ବନ ସଂରକ୍ଷକ ଧନୁର୍ଜୟ ମହାପାତ୍ର କହିଥିଲେ। ଗୋଷ୍ଠୀଗତ ଜଙ୍ଗଲ ଜମି ପ୍ରଦାନରେ ପଛରେ ରହିଛୁ। ଏହା ମିଳିଲେ ଜଙ୍ଗଲ ସୁରକ୍ଷା ସହ ନୂତନ ବନୀକରଣ ସୃଷ୍ଟି ହୋଇପାରିବ। ବନ ସୁରକ୍ଷା ସମିତି ଯାହା କରିଛି, ତାହା ଜଙ୍ଗଲ ଏଫ୍‌ଆର୍‌ସିର ନିୟମ ବାହାରେ ହେଉଛି ବୋଲି କମିଶନ ସଭ୍ୟ ନାୟକ କହିଥିଲେ। ଜିଲାରେ ଗୋଷ୍ଠୀଗତ ଅଧିକାର ଉପରେ ସଚେତନ କରିବାକୁ ସେ ପରାମର୍ଶ ଦେଇଥିଲେ। ପେସା ଆଇନ ମାଧ୍ୟମରେ ଏଫ୍‌ଆର୍‌ସି କମିଟି ଗଠନ କରିବାକୁ କହିଥିଲେ। ଜିଲାରେ ଦକ୍ଷତା ତାଲିମ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ବୈଠକ ପରେ ନବରଙ୍ଗପୁର ତୋଟାସାହିର ଲୋକେ ଜମିପଟ୍ଟା ପାଇ ନ ଥିବା ନେଇ ଲିଖିତ ଭାବେ ଜଣାଇଥିଲେ। ପରଜା ସମାଜ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ବୈଠକରେ ଡେପୁଟି ଏସ୍‌ସି ଏସ୍‌ଟିର ଡାଇରେକ୍ଟର ଡ. ଜୟନ୍ତ ସାନଡେ, ଡେପୁଟି ଡାଇରେକ୍ଟର ଆର୍.କେ. ଦୁବେ, ପି.କେ. ପରିଡ଼ା ଓ ଡି. ପଲେଇ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଉପଜିଲାପାଳ ପ୍ରଶାନ୍ତ ରାଉତ, ଏପିଡି ଦେବୀ ପ୍ରସାଦ ଟାଲି, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଏଡିଇଓ ରେଶମଲାଲ୍ ନାୟକଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

